# NATIONAL NEWS BULLETIN (ODIA)

## 26 June - 2024

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭାର ବାଚସ୍ପତି ପଦ ନିମନ୍ତେ ଆଜି ହେବ ନିର୍ବାଚନ ।
- ଆଫ୍ରିକାକୁ ଭାରତ ସର୍ବଦା ପ୍ରାଥମିକତା ଦେଇଆସିଛି, କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର
- ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର କହିଛନ୍ତି ନିରନ୍ତର ୮ ପ୍ରତିଶତ ଅଭିବୃଦ୍ଧି ଆଡ଼କୁ ଅଗ୍ରସର ହେଉଛି ଭାରତ ।
- ନିଶା ବ୍ୟବହାରକୁ ପ୍ରତିହତ କରିବା ଲକ୍ଷ୍ୟରେ ସ୍ଥାୟୀ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ।

ଏବଂ

- ଆଇସିସି ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆସନ୍ତାକାଲି ଖେଳାଯିବ ୨ଟିଯାକ ସେମିଫାଇନାଲ୍ ମ୍ୟାଚ୍ ।

# ସ୍ପିକର ଇଲେକ୍ସନ

ଅଷ୍ଟାଦଶ ଲୋକସଭାର ବାଚସ୍ପତି ପଦ ନିମନ୍ତେ ଆଜି ନିର୍ବାଚନ ଅନୁଷ୍ଠିତ ହେବ । ଏନ୍‌ଡିଏ ର ପ୍ରାର୍ଥୀ ପୂର୍ବତନ ବାଚସ୍ପତି ତଥା ବରିଷ୍ଠ ବିଜେପି ସାଂସଦ ଓମ୍ ବିର୍ଲା ଏବଂ ଇଣ୍ଡି ମେଣ୍ଟର ପ୍ରାର୍ଥୀ କଂଗ୍ରେସର କେ. ସୁରେଶଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ । ଦୁଇଜଣଯାକ ପ୍ରାର୍ଥୀ ଗତକାଲି ତାଙ୍କର ନାମାଙ୍କପତ୍ର ଦାଖଲ କରିଛନ୍ତି ।

ଲୋକସଭା ବାଚସ୍ପତି ପଦବୀ ପୂରଣ ସର୍ବସମ୍ମତିକ୍ରମେ ହେବା ଉଚିତ୍ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି । ସଂସଦ ଭବନ ପରିସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଗତକାଲି ଶ୍ରୀ ରିଜିଜୁ କହିଛନ୍ତି, ସ୍ୱାଧୀନତା ପରଠାରୁ ଏହି ପଦବୀ ସର୍ବସମ୍ମତିକ୍ରମେ ପୂରଣ ହୋଇ ଆସୁଛି । ଭାରତୀୟ ଗଣତନ୍ତ୍ରର ଏହି ମହାନ ପରମ୍ପରାକୁ ବଜାୟ ରଖିବା ଲକ୍ଷ୍ୟରେ ସରକାର ଚଳିତ ଲୋକସଭାର ବାଚସ୍ପତି ମନୋନୟନ ନେଇ ବିରୋଧୀ ପକ୍ଷଙ୍କ ସହଯୋଗ କାମନା କରିଥିଲେ । ତେବେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ଏଥିପାଇଁ ସର୍ତ୍ତ ରଖିବା ସହ ଉପବାଚସ୍ପତି ପଦ ଦାବି କରିଥିଲା । ସର୍ବସମ୍ମତ ବାଚସ୍ପତି ନିର୍ବାଚନ ପାଇଁ କୌଣସି ପ୍ରକାର ସର୍ତ୍ତ ରହିବା ଉଚିତ୍ ନୁହେଁ ଏବଂ ଉପବାଚସ୍ପତି

ମନୋନୟନ ପାଇଁ ପୃଥକ ଆଲୋଚନା ସକାଶେ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ବିଜେପିର ବରିଷ୍ଠ ନେତା ରାଜନାଥ ସିଂହ, ଅମିତ ଶାହା ଏବଂ ଜେ.ପି. ନଡ୍ଡା ବାଚସ୍ପତି ପଦ ନେଇ କଂଗ୍ରେସର କେ.ସି.ବେଣୁଗୋପାଳ ଏବଂ ଡିଏମ୍‌କେ ସଦସ୍ୟ ଟି.ଆର୍.ବାଲୁଙ୍କ ସହ ଆଲୋଚନା କରିଥିଲେ । ତେବେ ଶ୍ରୀ ବିର୍ଲାଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରିବା ପ୍ରତିବଦଳରେ ବିରୋଧୀ ପକ୍ଷ ଉପ-ବାଚସ୍ପତିଙ୍କ ନାମ ଘୋଷଣା କରିବାକୁ ଜିଦ୍ ଧରିଥିଲେ । ବିରୋଧୀ ପକ୍ଷଙ୍କ ଏଭଳି ସର୍ତ୍ତକୁ ସରକାର ପ୍ରତ୍ୟାଖାନ କରିଥିଲେ ।

ପୂର୍ବରୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବାଚସ୍ପତି ପଦ ପାଇଁ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ପ୍ରତିବଦଳରେ ବିରୋଧୀ ପକ୍ଷକୁ ଉପ-ବାଚସ୍ପତି ପଦ ଛାଡିବା ଲାଗି ପ୍ରସ୍ତାବ ଦେଇଥିଲେ ।

## ଆରବିଆଇ-ଜିଡିପି ଗ୍ରୋଥ୍

ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ଭାରତ ଏହାର ଅଭିବୃଦ୍ଧି କ୍ଷେତ୍ରରେ ଏକ ଆଖିଦୃଶିଆ ପରିବର୍ତ୍ତନର ଦ୍ୱାରଦେଶରେ ପହଞ୍ଚିଛି । ନିରନ୍ତର ଭାବେ ୮ ପ୍ରତିଶତ ଅଭିବୃଦ୍ଧି ଆଡ଼କୁ ଅଗ୍ରସର ହେଉଛି ବୋଲି ସେ କହିଛନ୍ତି । ମୁମ୍ବାଇରେ ଗତକାଲି ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିଜର ୧୧୮ତମ ଏ.ଜି.ଏମ୍.ରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି

ଭାରତର ଅଭିବୃଦ୍ଧି ବହୁକ୍ଷେତ୍ରୀୟ ବିକାଶ ଉପରେ ନିର୍ଭରଶୀଳ । ଦ୍ରବ୍ୟ ଏବଂ ସେବା ଟିକସ ସବୁଠାରୁ ଆଗରେ ରହିଛି । ବିଭିନ୍ନ ଢ଼ାଞ୍ଚାଗତ ସଂସ୍କାର ଦ୍ୱାରା ଏଭଳି ଅଭିବୃଦ୍ଧି ପରିଲକ୍ଷିତ ହେବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଜିଏସଟି ମାସିକ ଆଦାୟ ୧ଲକ୍ଷ ୭୦ ହଜାର କୋଟି ଟଙ୍କାରେ ପହଞ୍ଚିଛି ଏବଂ ବ୍ୟବସାୟ ସୁବିଧାଜନକ ହୋଇଛି ।

## ଜୟଶଙ୍କର-ଆଫ୍ରିକା

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି ଆଫ୍ରିକାକୁ ଭାରତ ସର୍ବଦା ପ୍ରାଥମିକତା ଦେଇଆସିଛି । ନୂଆଦିଲ୍ଲୀଠାରେ ଆୟୋଜିତ ଆଫ୍ରିକା ଦିବସ ସମାରୋହକୁ ଗତକାଲି ସମ୍ବୋଧିତ କରି ସେ କହିଛନ୍ତି ଆଫ୍ରିକା ସହ ଭାରତର ଭାଗିଦାରିତା ରଣନୈତିକ ଚିନ୍ତା ଏବଂ ଅର୍ଥନୈତିକ ବିକାଶ ଉପରେ ପର୍ଯ୍ୟବେଶିତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଫ୍ରିକାରେ ଭାରତର ୧୦ଟି ମାର୍ଗଦର୍ଶକ ନୀତିର ଅନୁଶୀଳନକୁ କାର୍ଯ୍ୟକ୍ଷମ କରିବା ଲାଗି ପଦକ୍ଷେପ ନେଇଛନ୍ତି ବୋଲି ସେ କହିଛନ୍ତି । ସେଥିରେ ଦକ୍ଷତା ବୃଦ୍ଧି ସହ ନିଯୁକ୍ତି କ୍ଷେତ୍ରରେ ସୁଯୋଗ ସୃଷ୍ଟି, ଖୋଲା ବଜାର ତଥା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ପରିବର୍ତ୍ତନ ଆଦି ଅନ୍ତର୍ଭୁକ୍ତ । ଏ ସବୁ କ୍ଷେତ୍ରରେ ଭାରତ ନିଜର ଅଭିଜ୍ଞତାକୁ ଆଫ୍ରିକା ସହ ବାଣ୍ଟିବା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି । ସେ କହିଛନ୍ତି ବାଣିଜ୍ୟ ଏବଂ ଅର୍ଥନୈତିକ କ୍ଷେତ୍ରରେ ଭାରତ ଆଫ୍ରିକାର ଚତୁର୍ଥ ବୃହତ୍ତମ ସହଯୋଗୀ ଏବଂ ପ୍ରାୟ ୧୦୦ ବିଲିୟନ୍ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ହୋଇଥାଏ ।

## ହୋର୍ଡିଂ କୋଲାପ୍ସ

ମୁମ୍ବାଇ ଘଟ୍‌କୋପର ବିଜ୍ଞାପନ ହୋର୍ଡିଂ ଭୁଶୁଡ଼ିବା ଘଟଣାରେ ମହାରାଷ୍ଟ୍ର ସରକାର ଆଇ.ପି.ଏସ୍. ଅଧିକାରୀ ମହମ୍ମଦ କୈଶର ଖାଲିଦଙ୍କୁ ନିଲମ୍ବନ କରିଛନ୍ତି । ରାଜ୍ୟ ଗୃହ ବିଭାଗ ପକ୍ଷରୁ ଗତକାଲି ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ **PCR** ର ଅତିରିକ୍ତ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ଖାଲିଦ୍ ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ହୋର୍ଡିଂ ସ୍ଥାପନ ନେଇ ମଂଜୁରୀ ପ୍ରଦାନ କରିଥିଲେ । ତାଙ୍କ ବିରୁଦ୍ଧରେ ପ୍ରଶାସନିକ ତ୍ରୁଟି ଏବଂ ଅନିୟମିତତା ନେଇ  କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି ।

## ଇରାନ୍ ଅଲ୍ଲୀ ଖାମେନି

ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲ୍ଲୀ ଖାମେନି ଆସନ୍ତା ଶୁକ୍ରବାର ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଅଧିକରୁ ଅଧିକ ମତଦାନ କରିବାକୁ ଦେଶର ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ନିର୍ବାଚନକୁ ଇରାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଭାବେ ଗ୍ରହଣ କରିବାକୁ ସେ କହିଛନ୍ତି । ଇଦ୍ ଉଲ୍ ଘଦୀର ପାଳନ ଅବସରରେ ଗତକାଲି ଏକ ଜନସମାବେଶରେ ଯୋଗଦେଇ ଶ୍ରୀ ଖାମେନୀ କହିଛନ୍ତି ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚନ ଇସ୍‌ଲାମିକ୍ ନୀତି ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା

ଉପରେ ନିର୍ଭର କରୁଛି । ଯୋଗ୍ୟ ପ୍ରାର୍ଥୀ ଚୟନ ପାଇଁ ସମସ୍ତେ ମତଦାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

ସୂଚନାଯୋଗ୍ୟ ଗତ ମଇମାସ ୧୯ ତାରିଖରେ ପୂର୍ବ ଅଜରବଇଜାନ୍‌ରେ ଏକ ହେଲିକପ୍ଟର ଦୁର୍ଘଟଣାରେ ଇରାନର ରାଷ୍ଟ୍ରପତି ଇବ୍ରାହିମ୍ ରଇସିଙ୍କ ମୃତ୍ୟୁ ହୋଇଥିଲା । ଏହି ପରିପ୍ରେକ୍ଷୀରେ ସେଠାରେ ରାଷ୍ଟ୍ରପତି ନିର୍ବାଚନ ହେଉଛି ।

# ଏମ୍‌ଏଚ୍-ବିଧାନ ପରିଷଦ

ମହାରାଷ୍ଟ୍ର ବିଧାନ ପରିଷଦର ୪ଟି ଆସନ ଲାଗି ଆଜି ଭୋଟ ଗ୍ରହଣ କରାଯିବ । ସେହି ଆସନ ଗୁଡ଼ିକ ହେଉଛି ନାସିକ୍ ଡିଭିଜନ ଶିକ୍ଷକ ନିର୍ବାଚନ ମଣ୍ଡଳୀ, ମୁମ୍ବାଇ ଡିଭିଜନ ଶିକ୍ଷକ ନିର୍ବାଚନ ମଣ୍ଡଳୀ, କୋଙ୍କଣ ଡିଭିଜନ ଗ୍ରାଜୁଏଟ୍ ନିର୍ବାଚନ ମଣ୍ଡଳୀ ଏବଂ ମୁମ୍ବାଇ ଡିଭିଜନ ଗ୍ରାଜୁଏଟ୍ ନିର୍ବାଚନ ମଣ୍ଡଳୀ । ଆସନ୍ତାମାସ ୭ ତାରିଖରେ ଏହି ମଣ୍ଡଳୀ ଗୁଡ଼ିକରୁ ପ୍ରତିନିଧିତ୍ୱ କରୁଥିବା ସଦସ୍ୟଙ୍କର କାର୍ଯ୍ୟକାଳ ଶେଷ ହେବ । ତେବେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ପ୍ରାର୍ଥୀଙ୍କ ପକ୍ଷରୁ ପ୍ରତିଦ୍ୱନ୍ଦିତା ତୀବ୍ର ହୋଇଛି । ଆସନ୍ତା ପହିଲାରେ ଏହି ଦ୍ୱିବାର୍ଷିକ ନିର୍ବାଚନର ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ ।

## ଗଡ଼କରୀ-ଓ୍ୱାର୍କସପ୍

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି ଟୋଲ୍ ଆଦାୟ କ୍ଷେତ୍ରରେ ଗ୍ଲୋବାଲ୍ ନାଭିଗେସନ୍ ସାଟେଲାଇଟ୍ ସିଷ୍ଟମ୍ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିବ । ନୂଆଦିଲ୍ଲୀଠାରେ ଏ ସଂପର୍କିତ ଏକ ଆନ୍ତର୍ଜାତିକ କର୍ମଶାଳାକୁ ଗତକାଲି ସମ୍ବୋଧିତ କରି ଗୁଣାତ୍ମକ ସେବା ମାଧ୍ୟମରେ ସଂପୂର୍ଣ୍ଣ ବ୍ୟବସ୍ଥାର ସନ୍ତୁଳନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଟୋଲ୍ ଆଦାୟରେ ସ୍ୱଚ୍ଛତା ଏବଂ ଆର୍ଥିକ କ୍ଷେତ୍ର ଉପରେ ମଧ୍ୟ ଏଭଳି ବ୍ୟବସ୍ଥା ପ୍ରଚଳନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ଟୋଲ୍ ଆଦାୟ କ୍ଷେତ୍ରରେ ରହୁଥିବା ସମସ୍ୟାଗୁଡ଼ିକର ଏହି ବ୍ୟବସ୍ଥା ଦ୍ୱାରା ଯଥାଶୀଘ୍ର ସମାଧାନ ସମ୍ଭବ ବୋଲି ଶ୍ରୀ ଗଡ଼କରୀ କହିଛନ୍ତି ।

## ଅମରନାଥ ଯାତ୍ରା

ଜାମ୍ମୁକାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଗତକାଲି ବାଲ୍‌ତାଲ୍ ସ୍ଥିତ ଶ୍ରୀ ଅମରନାଥଜୀ ଯାତ୍ରାର ମୂଳ ଶିବିର ପରିଦର୍ଶନ କରିଥିଲେ । ଆସନ୍ତା ୨୯ ତାରିଖରୁ ଆରମ୍ଭ ହେଉଥିବା ଏହି ପବିତ୍ର ଯାତ୍ରାର ବ୍ୟବସ୍ଥା ନେଇ ସେ ସମୀକ୍ଷା କରିଥିଲେ । ଯାତ୍ରୀଙ୍କ ସୁରକ୍ଷା ଏବଂ ସେମାନଙ୍କୁ ସମସ୍ତ ପ୍ରକାରର ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସେବା ପ୍ରଦାନକାରୀ ପ୍ରତିନିଧିଙ୍କ

ସହ ଆଲୋଚନା କରି ଯାତ୍ରୀଙ୍କୁ ସଠିକ୍ ସମୟରେ ସହାୟତା ପ୍ରଦାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଏହି ସମୀକ୍ଷା ବୈଠକରେ ପ୍ରଶାସନ, ଶ୍ରୀଅମରନାଥଜୀ ସ୍ରାଇନ୍ ବୋର୍ଡ, ସ୍ୱାସ୍ଥ୍ୟ ଓ ବିପର୍ଯ୍ୟୟ ପରିଚାଳନାର ବରିଷ୍ଠ ଅଧିକାରୀଙ୍କ ସମେତ ଉଚ୍ଚସ୍ତରୀୟ ସୁରକ୍ଷା ଅଧିକାରୀ ଉପସ୍ଥିତ ଥିଲେ ।

## ହୁ-ଟବାକୋ

ବିଶ୍ୱ  ନିଶା ନିବାରଣ ଦିବସ ଅବସରରେ ଆଜି ସମଗ୍ର ଦେଶରେ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି।

ନିଶା ସେବନ ସର୍ବଦା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି । ଦକ୍ଷିଣ-ପୂର୍ବ ଏସୀୟ ଅଞ୍ଚଳର ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇ **WHO** କହିଛି ନିଶାଦ୍ରବ୍ୟର ବେଆଇନ କାରବାରକୁ ରୋକିବା ଦିଗରେ ନିର୍ଣ୍ଣାୟକ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ବ୍ୟାଙ୍କକ୍ ଠାରେ ଆୟୋଜିତ ଏକ କର୍ମଶାଳାରେ **WHO** ଦକ୍ଷିଣ-ପୂର୍ବ ଏସୀୟ ଅଞ୍ଚଳର ଆଞ୍ଚଳିକ ନିର୍ଦ୍ଦେଶକ ସାଇମା ୱାଜେଦ୍ କହିଛନ୍ତି ତମାଖୁ ଉତ୍ପାଦନ ତଥା ବ୍ୟବହାରରେ ବେଆଇନ କାରବାରକୁ ଦୂର କରିବା ପାଇଁ ଏକ ସ୍ଥାୟୀ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ଏଥିପାଇଁ **WHO** ର ମାର୍ଗଦର୍ଶିକାକୁ ଆପଣେଇବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ତମାଖୁ ଉତ୍ପାଦନର ଚିହ୍ନଟ ଏବଂ ଏହାର

ବ୍ୟବହାରକୁ ପ୍ରତିହତ କରିବା ପାଇଁ ବିକଶିତ ତଥା ନିରନ୍ତର ପଦକ୍ଷେପ ନେବାର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି।

**WHO** ର ବିଜ୍ଞପ୍ତି ଅନୁଯାୟୀ ନିଶାଦ୍ରବ୍ୟ ସେବନ ଦ୍ୱାରା ୨୦ରୁ ଅଧିକ ପ୍ରକାରର କର୍କଟ,  ଶ୍ୱାସକ୍ରିୟା ଏବଂ ହୃଦ୍‌ରୋଗ ଜନିତ ସମସ୍ୟା ବୃଦ୍ଧି ପାଇଥାଏ ।

# କ୍ରିକେଟ୍‌-ସେମିଫାଇନାଲ୍‌

ଆଇସିସି ଟି-୨୦ ବିଶ୍ୱକପ୍‌ କ୍ରିକେଟ୍‌ ପ୍ରତିଯୋଗିତାରେ ଆସନ୍ତାକାଲି ୨ଟିଯାକ ସେମିଫାଇନାଲ୍‌ ମ୍ୟାଚ୍‌ ଖେଳାଯିବ । ପ୍ରଥମ ମ୍ୟାଚଟି ଟରୌବାର ବ୍ରେୟାରନ ଲାରା ଷ୍ଟାଡିୟମ୍‌ଠାରେ ଦକ୍ଷିଣ ଆଫ୍ରିକା ଏବଂ ଆଫଗାନିସ୍ତାନ ମଧ୍ୟରେ ଖେଳାଯିବ । ସନ୍ଧ୍ୟାରେ ଗାଏନା ର ପ୍ରଭିଡେନ୍ସ ଷ୍ଟାଡିୟମ୍‌ ଠାରେ ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତ' ଇଂଲଣ୍ଡକୁ ଭେଟିବ । ବାର୍ବାଡସ୍‌ର ବ୍ରିଜ୍‌ଟାଉନ୍‌ସ୍ଥିତ କେନ୍ସିଙ୍ଗଟନ୍‌ ଓଭାଲ୍‌ ଠାରେ ଆସନ୍ତା ଶନିବାର ଦିନ ଫାଇନାଲ୍‌ ମ୍ୟାଚ୍‌ ଖେଳାଯିବ ।